# 'ଠିକ୍' କିମ୍ବା 'ଭୁଲ'

୧. ବିଭିନ୍ନ ଜୀବମାନଙ୍କ ମଧ୍ୟରେ ଥିବା ସାମଞ୍ଜସ୍ୟ ଓ ପାର୍ଥକ୍ୟକୁ ବିଚାର କରି ସେମାନଙ୍କୁ ଶ୍ରେଣୀ ବିଭାଗ କରାଯିବା ପଦ୍ଧତିକୁ ଟାକ୍ସୋନୋମି କୁହାଯାଏ ।

୨. ଶ୍ରେଣୀ ବିଭାଗରେ ସବୁଠାରୁ କ୍ଷୁଦ୍ରତମ ବିଭାଗକୁ ପ୍ରଜାତି କୁହାଯାଏ ।

୩. ଜୀବମାନଙ୍କର ବୈଜ୍ଞାନିକ ନାମ ଇଂରାଜୀରେ ଲେଖିବାବେଳେ ଉଭୟ ପ୍ରଜାତି ଓ ଜାତିର ପ୍ରଥମ ଅକ୍ଷରଟିକୁ ବଡ଼ଲିପିରେ ଲେଖାଯାଏ ।

୪. ମଣିଷର ବୈଜ୍ଞାନିକ ନାମରେ ସାପିଏନ୍ସ ହେଉଛି 'ଜାତି' ନାମ ଏବଂ ହୋମୋ ହେଉଛି 'ପ୍ରଜାତି' ନାମ ।

୫. ପ୍ରାକ୍‌ନ୍ୟଷ୍ଟିୟ ବା ପ୍ରୋକାରିଓଟ କୋଷରେ ନ୍ୟଷ୍ଟିଟି ଠିକ୍ ଭାବରେ ସଙ୍ଗଠିତ ହୋଇଥାଏ ।

୬. ଫଙ୍ଗାଇକୁ ମୃତୋପଜୀବୀ ମଧ୍ୟ କୁହାଯାଏ ।

୭. ମୋନେରା ଅନ୍ତର୍ଗତ ଜୀବମାନେ ଏକକୋଷୀ ଇଉକାରିଓଟ୍ ହୋଇଥିବାବେଳେ ପ୍ରୋଟିଷ୍ଟା ଅନ୍ତର୍ଗତ ପ୍ରାଣୀମାନେ ଏକକୋଷୀ ପ୍ରୋକାରିଓଟ୍ ହୋଇଥାନ୍ତି ।

୮. ଟେରିଡ଼ୋଫାଇଟାରେ ନଗ୍ନ ଭ୍ରୁଣକୁ ସ୍ପୋର କୁହାଯାଏ ।

୯. ଜିମ୍ନୋସ୍ପର୍ମରେ ବୀଜ ଗୁଡ଼ିକ ରେଣୁପତ୍ରରେ ଶଙ୍କୁ ବା କୋନ୍‌ରେ ସଜ୍ଜିତ ହୋଇରହିଥାନ୍ତି ।

୧୦. ଆନ୍‌ଜିଓସ୍ପର୍ମରେ ବୀଜ ଗୁଡ଼ିକ ଫଳବାହାରେ ରହିଥାନ୍ତି ।